# Akashvani, Sambalpur

# SAMBALPURI NEWS BULLETIN

## 1 March 2025- 6.47- 6.52 am.

*********************************************

ବଜେଟ୍ ପରର୍ ୱେବିନାର          ପିଆଇବି

କୃଷି ଆଉ କୃଷକ୍ କଲ୍ୟାଣ ମନ୍ତ୍ରଣାଳୟ ତର୍ଫୁ ଆଏଜ୍ କୃଷି ଆଉ ଗ୍ରାମୀଣ ସମୃଦ୍ଧି ଶୀର୍ଷକ୍ ଦିନ୍‌କିଆ ବଜେଟ୍ ପରର୍ ୱେବିନାର୍ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକ୍ରମ୍‌ଥି ଅଭିଭାଷଣ୍ ରଖିବେ । ଇ ଅବ୍‌ସରେ ସବୁ କେନ୍ଦ୍ରମନ୍ତ୍ରୀ ଭିଲ୍ ଉପସ୍ଥିତ୍ ରହେବେ । ଅଂଶୀଦାର୍‌ମାନଙ୍କୁ ଆଲୋଚନାଥି ସାମିଲ୍ କର୍‌ବାର୍ ଆଉ ୨୦୨୫ ବଜେଟ୍‌ର ଘୋଷଣାମାନକୁ କେନ୍ତାକରି ଭଲ୍‌ଭାବେ କାର୍ଯ୍ୟକାରୀ କରାଯିବା ସେ ବାବଦ୍ ରଣନୀତି ତିଆର୍ ବର୍‌ବା ଇ ୱେବିନାର୍‌ର ଉଦ୍ଦେଶ୍ୟ ରହିଛେ ।

ରାସନକାର୍ଡ ପଞ୍ଜିକରଣ ଆଏଜ୍‌ନୁ ମୁଲ୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆ ରାସନ୍ କାର୍ଡ ଲାଗି ଆଏଜ୍‌ଠାନୁ ପଞ୍ଜିକରଣ ମୁଲ୍ ହେବା । ବାଦ୍ ପଡ଼ିଥିବା ଆଉ ରାସନ୍ କାର୍ଡ ନାଇ ପାଇଥିବା ଲୁକେ ଇଥିର୍ ଲାଗି ଆବେଦନ୍ କରିପାର୍‌ବେ । ଇହାଦେ ତକ୍ ୪ ଲାଖ୍ ମୃତକଙ୍କର୍ ନାଁଥି ଥିବା ରାସନ୍ କାର୍ଡ କଟି ସାର୍‌ଲାନ ଆଉ ଆଗ୍‌କେ ଭିଲ୍ ସର୍ଭେ ଜାରି ରହିବା ବଲି ଗଲାକାଏଲ ସମ୍ବଲପୁର ଗସ୍ତଥି ଆସିକରି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସମ୍ବଲପୁର ଜିଲ୍ଲାର ଧାନ ଘିନା ଥିତିର୍ ସମୀକ୍ଷା କରି କରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଖରିଫ୍ ବାଗିର୍ ରବି ରୁତୁ ଥି ଭିଲ୍ ଚାଷୀମାନଙ୍କୁ ଅତିରିକ୍ତ ବୋନସ୍ ଦିଆଯିବା ଆଉ କୁଇଂଟାଲ ପିଛା ୩୧ ଶହ ଟଙ୍କା ହିସାବେ ଧାନ୍ ଘିନା ଯିବା । ଜିଲ୍ଲାନ ବିନା କଟ୍‌ନୀ ଛଟ୍‌ଡ଼ୀ ଥି ଧାନ୍ ଘିନା ଯାଇଛେ । ଚାଷୀମାନଙ୍କର ନୁ ଧାନ୍ ଘିନା ଯିବାର୍ ୪୮ ଘଂଟା ଭିତ୍‌ରେ ଟଙ୍କା ଦିଆଯାଇଛେ ବଲି ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ଜିଲ୍ଲପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲ୍ଲାନ ୩୨ ଲାଖ୍ କୁଇଂଟାଲ ଧାନ୍ ଘିନା ଯାଇଛେ ଆଉ ୯ ଶହ ୭୬ କୋଟି ଟଙ୍କା ଚାଷୀମାନଙ୍କର ଏକାଉଂଟକେ ଯାଇଛେ ବଲି କହିଛନ୍ ।

ସୁଭଦ୍ରା ସାହାଜ୍ ଟଙ୍କା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ସୁଭଦ୍ରା ଯୋଜ୍‌ନାର ଦୁଇ ନମ୍ବର କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନଙ୍କୁ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍, ସାରା ରାଜ୍ୟର୍ ପାଖାପାଖି ୧ କୋଟି ହିତାଧିକାରୀ ଇ ସାହାଜ୍ ଟଙ୍କା ପାଏବେ । ବେଙ୍କ୍ ଖାତା ସଙ୍ଗେ ଆଧାର ସଂଯୋଗ୍ ଆଉ ଡିବିଟି ସମସ୍ୟା ଲାଗି ୨ ଲାଖ୍ ହିତାଧିକାରୀଙ୍କୁ ପହେଲା କିସ୍ତି ଟଙ୍କା ନାଇ ମିଳିପାରି । ଇ ଅବ୍‌ସରେ ସେମାନଙ୍କୁ ଭିଲ୍ ସୁଭଦ୍ରା ସାହାଜ୍ ଟଙ୍କା ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ଝାରସୁଗୁଡ଼ା-ମୁମ୍ବାଇ ବିମାନ ଚଳାଚଳ ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାରସୁଗୁଡ଼ା ବିମାନ ବନ୍ଦରନୁ ମୁମ୍ବାଇ-ଝାରସୁଗୁଡ଼ା ସେକ୍ଟରଥି ବିମାନ ଚଳାଚଳ ଆଏଜ୍‌ଠାନୁ ମୁଲ୍ ହେବା । ହପ୍ତାର୍ ସବୁଦିନ୍ ଇ ବିମାନ ଚଳାଚଲ୍ କର୍‌ବା । ଇଣ୍ଡିଗୋର ଏୟାର୍ ବସ୍ ୩୨୦ ଇ ରୁଟ୍‌ଥି ଚାଲ୍‌ବା ବଲି ଝାରସୁଗୁଡ଼ା ବିମାନ ବନ୍ଦର କର୍ତ୍ତୃପକ୍ଷ ସୂଚ୍‌ନା ଦେଇଛନ୍ ।

ସେବି ମୁଖ୍ୟ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପ୍ରତିଭୁତି ଆଉ ବିନିମିୟ ବୋର୍ଡ-ସେବିର ନୂଆ ଅଧ୍ୟକ୍ଷ ଭାବେ ଅର୍ଥ ସଚିବ ତୁହିନ୍‌କାନ୍ତ ପାଣ୍ଡେ ନିଯୁକ୍ତି ପାଇଛନ୍ । କେନ୍ଦ୍ର କେବିନେଟ୍‌ର ନିଯୁକ୍ତି କମିଟି ଶ୍ରୀ ପାଣ୍ଡେଙ୍କର୍ ନିଯୁକ୍ତିକେ ମଞ୍ଜୁରୀ ଦେଇଛେ । ଆଏବା ୩ ବଛର୍ ଲାଗି ସେ ସେବି ଅଧ୍ୟକ୍ଷ ଦାୟିତ୍ୱଥି ରହେବେ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ୟୁରୋପୀୟ ନେତା ବୈଠକ୍ ପିଆଇବି

ଭାରତ୍ ଆଉ ୟୁରୋପୀୟ ସଂଘ ଭିତ୍‌ରେ ଶିକ୍ଷା ଦକ୍ଷତା କ୍ଷେତ୍ରଥି ଥିବା ସମ୍ପର୍କକେ ଆହୁରି ମଜ୍‌ଭୁତ୍ କର୍‌ବାର୍ ଲାଗି ଗଲାକାଏଲ୍ ନୂଆଦିଲ୍ଲୀଠାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୟୁରୋପୀୟ ଆୟୋଗର ସାମାଜିକ୍ ଅଧିକାର ଦକ୍ଷତା, ଗୁଣାତ୍ମକ ଚାକିରି ଆଉ ପ୍ରସ୍ତୁତି ବିଭାଗର କାର୍ଯ୍ୟନିର୍ବାହି ଉପାଧ୍ୟକ୍ଷ ରୁକ୍‌ସାନା ମିନ୍‌ଜାତୁଙ୍କୁ ଭେଟିଛନ୍ । ପ୍ରଯୁକ୍ତି ବିଦ୍ୟା ଏଆଇ, ଶିକ୍ଷକ୍ ବିନିମୟ ଆଉ ଦୁହିଦେଶର୍ ଛାତ୍ରଛାତ୍ରୀମାନଙ୍କର୍ ପାଠପଢ଼ା ଗତିବିଧିକେ ତହଁକାବାର୍ ଲାଗି ବୈଠକ୍‌ଥି ଆଲୋଚନା ହେଇଥିଲା ।

ଜିଲ୍ଲାସ୍ତରୀୟ ସୁଭାଦ୍ରା ମେଳା   ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୫ ତାରିଖନୁ ସମ୍ବଲପୁର ସହେତେ ବଲାଙ୍ଗୀର, ମାଲକାନଗିରି, ପୁରୀ ଆଉ କେନ୍ଦୁଝର ଜିଲ୍ଲାନ ସୁଭଦ୍ରା ଶକ୍ତି ମେଳା ୨୦୨୫ ମୁଲ୍ ହେବା । ୧୧ ତାରିଖ୍ ତକ୍ ଚାଲ୍‌ବାର୍‌କେ ଥିବା ମେଳାଥି ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନିଜର ନିଜର୍ ତିଆର୍ ଦରବ୍‌ମାନଙ୍କର ପ୍ରଦର୍ଶନ୍ ଆର୍ ବିକ୍ରି କରିପାର୍‌ବେ ବଲି ରାଜ୍ୟ ସରକାରଙ୍କ ତର୍‌ଫୁ କୁହାଯାଇଛେ । ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡ଼ିଆନ ହେବାର୍‌କେ ଥିବା ଇ ମେଳାଥି ଶହେ ୫୦ ଟା ଷ୍ଟଲ୍ ଖୁଲ୍‌ବା ।

ଓଡ଼ିଆ ଦମ୍ପତି ଆଫ୍ରିକା ପର୍ବତାରୋହରଣ  ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ଆକାଶବାଣୀ କେନ୍ଦ୍ରର ପ୍ରସାରକ ନିଷ୍ପାଦକ୍ ସୌଭାଗ୍ୟ କୁମାର ରଥ ଆଉ ତାକର୍ ଧର୍ମପତ୍ନୀ ଡକ୍ଟର ସାଗରିକା ମିଶ୍ର ଆଫ୍ରିକାର ସବୁନୁ ବଡ଼ ଶୃଙ୍ଗ କିଲିମାଞ୍ଜାରୋକେ ସଫଲ୍‌ତାର୍ ସହେତେ ଚଢ଼ିକରି ରାଜ୍ୟର୍ ଲାଗି ଗୌରବ୍

ଆନିଛନ୍ । କିଲିମାଞ୍ଜାରୋ ଶିଘାକେ ଚଢ଼ିକରି ପହେଲା ଓଡ଼ିଆ ଦମ୍ପତି ଭାବେ ସେମାନେ ଇ ସଫଲ୍ତା ପାଇଛନ୍ ।

କୃଷି ମହାବିଦ୍ୟାଳୟ ସମ୍ମିଳନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ କୃଷି ଉଚ୍ଚତର ଶିକ୍ଷାଗତ୍ ପ୍ରକଳ୍ପ ତର୍‌ଫୁ ଚିପିଲିମା କୃଷି ଆଉ ଉଦ୍ୟାନ କୃଷି ମହାବିଦ୍ୟାଳୟ ନ ଦୁଇଦିନିଆ ଶିଳ୍ପ ଶୈକ୍ଷିକ୍ ସମ୍ମିଳନୀ ଗଲାକାଏଲ୍ ମୁଲ୍ ହେଇଛେ । ଇ ଅବ୍‌ସରେ ସମ୍ବଲପୁର ବିଧାୟକ୍ ଜୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଗଲା ୪୪ ବଛର୍ ହେଲା ମୁଲ୍ ହେଇଥିବା ଇ ମହାବିଦ୍ୟାଳୟର୍ ସର୍ବାଙ୍ଗିନ୍ ବିକାଶ ଦିଗେ ଭିନ୍ ଭିନ୍ ପଦକ୍ଷେପ୍ ନିଆଯିବା ବଲି କହିଛନ୍ । ମହାବିଦ୍ୟାଳୟର୍ ଉନ୍ନତି ଲାଗି ୨ଟା ପ୍ରସ୍ତାବ୍ ବାବ୍‌ଦେ ସେ ଆଲୋଚନା କରିଥିଲେ ।

ମତ୍ସ୍ୟ ଆଉ ପ୍ରାଣି ସମ୍ପଦ ମେଲା ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ଜିଲ୍ଲା ପ୍ରଧାନପାଟ ଠାନେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଆଉ ପ୍ରାଣି ସମ୍ପଦ ମେଲା ହେଇଯାଇଛେ । ବିଧାୟକ୍ ରୋମାଂଚ

ରଂଜନ ବିଶ୍ୱାଳ, ଜିଲ୍ଲାପାଳ ଆଉ ବିଭାଗୀୟ ଅଧିକାରୀମାନେ ମେଳାଥି ଯୋଗ୍ ଦେଇକରି ଚାଷ୍‌ର ବିକାଶ ଲାଗି ରାଜ୍ୟ ସରକାରଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ବାବ୍‌ଦେ ଆଲୋଚନା କରିଥିଲେ । ମେଳାଥି ବିଭାଗ୍ ତର୍‌ଫୁ ୨୬ଟା ଷ୍ଟଲ୍ ଖୁଲାଯାଇଛେ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ    ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ଦୁଇ ନମ୍ବର ସେମିଫାଇନାଲ୍ ମେଚ୍ ଆଏଜ୍ ଫୁଟ୍‌ବଲ୍ ଆସୋସିଏସନ୍ ଓଡ଼ିଶା ଆଉ ଜର୍ଜ ଟେଲିଗ୍ରାଫ୍, କୋଲ୍‌କାତା ଦଲ୍ ଭିତ୍‌ରେ ହେବା ।

ଗଲାକାଏଲ ପହେଲା ସେମିଫାଇନାଲ୍ ମେଚ୍‌ଥି ଶ୍ରୀନିଧି ଡେକନ୍ସ, ହାଇଦ୍ରାବାଦ୍ ୪-୨ ପେଟାଲ୍‌ଟି ଗୋଲ୍‌ଥି ସମଲେଶ୍ୱରୀ ସ୍ପୋର୍ଟିଙ୍ଗ୍, ସମ୍ବଲ୍‌ପୁର୍‌କେ ହରେଇକରି ଫାଇନାଲ୍‌କେ ଯାଇଛେ ।

ପାଣିପାଗ    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୩/୪ ଦିନ୍ ଭିତ୍‌ରେ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍‌ତକ୍ ବଢ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇତାର୍‌ଛଡ଼ା ପାଣିପାଗ କିଛି ଖାସ୍ ନାଇଁ ବଦ୍‌ଲେ । ଗଲାକାଏଲ୍ ରାଜ୍ୟର୍ ସବୁନୁ ଜହ ତାତି ଝାର୍‌ସୁଗୁଡ଼ା ନ ୩୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୧୫ଟା ସହର୍‌ର ଦିନର୍ ତାପମାତ୍ରା ୩୫ ଡିଗ୍ରୀ ଉପ୍‌ରେ ରହିଥିଲା ।